# ଚାଷୀଙ୍କ ପାଇଁ ଖୁସି ଆଣିଲା ଝିପିଝିପି ବର୍ଷା

■ ରବି ଫସଲ ଜଳକଷ୍ଟ ଦୂର କରିବ
■ ପନିପରିବା ଫସଲକୁ ସୁହାଇବ

**ରସୁଲପୁର,୯।୧୨(ରଞ୍ଜିତ ରାଉତ):**

ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ୨ଦିନ ବ୍ୟାପୀ ଝିପିଝିପି ବର୍ଷା ହୋଇଛି। ବାତ୍ୟାର ପ୍ରଭାବକୁ ନେଇ ଚାଷୀକୁଳ ଭୟଭୀତ ହୋଇପଡ଼ିଥିଲେ। 'ମିଗ୍‌ଜୋମ୍' ପ୍ରଭାବରେ ସ୍ୱଳ୍ପ ବର୍ଷା ହେବା ଯୋଗୁ ରବି ଫସଲକୁ ସୁହାଇବ ବୋଲି ଚାଷୀମାନେ ମତ ରଖିଛନ୍ତି। ବାତ୍ୟା ପ୍ରଭାବରେ ମୂଷଳଧାରାରେ ବର୍ଷା ହୋଇଥିଲେ ରବିଋତୁ ଫସଲ ପ୍ରଭାବିତ ହୋଇଥାନ୍ତା। ପବନ ବହିଥିଲେ ଲତା ଜାତୀୟ ପନିପରିବା ପ୍ରତି ବିଶେଷ କ୍ଷତି ପହଞ୍ଚାଇଥାନ୍ତା। ତେଣୁ ଝିପିଝିପି ବର୍ଷା ଚାଷୀଙ୍କ ପାଇଁ ଖୁସି ଆଣି ଦେଇଛି। ଏହି ବର୍ଷା ପ୍ରଭାବରେ ରବି ଋତୁର ଡାଲି ଜାତୀୟ ଫସଲ, ପନିପରିବା ଫସଲ ଭଲ ଉଧେଇବ। ବର୍ଷା ଛାଡ଼ିଯିବା ପରେ ଶୀତୁଆ ରାତିର କାକରରେ ଗଛ ବଢିବା ସହ ମୂଳ ଅଣ୍ଡା ରହିଲେ ଭଲ ଅମଳ ହେବ ବୋଲି ଚାଷୀମାନେ ଆଶାପୋଷଣ କରିଛନ୍ତି।

କୃଷିପ୍ରଧାନ ବ୍ଲକ ଭାବରେ ରସୁଲପୁର ବ୍ଲକର ଖ୍ୟାତି ରହିଛି। ଏହି ବ୍ଲକ ଅଞ୍ଚଳର ପ୍ରାୟତଃ ୮ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ରବି ଫସଲ ଚାଷ କରାଯାଇଛି। ବ୍ଲକଟି ବ୍ରାହ୍ମଣୀ, ଖରସ୍ରୋତା, ମଝିରେ ଚିଣ୍ଡା ଖରସ୍ରୋତା ଭଳି ୩ଟି ନଦୀ ଘେରରେ ରହୁଥିବାରୁ ଅଧିକାଂଶ ଚାଷଜମି ଉର୍ବରିଆ କିସମର ରହିଛି। ଏସବୁ କ୍ଷେତରେ ବର୍ଷସାରା ଚାଷବାସ କାର୍ଯ୍ୟ କରାଯାଉଛି। ଏହି ବ୍ଲକ ଅଞ୍ଚଳରେ ପନିପରିବା ଚାଷ, ପାରମ୍ପରିକ ଧାନଚାଷ(ସ୍ୱଳ୍ପ ଓ ଦୀର୍ଘ ମିଆଦୀ), ଡାଲିଜାତୀୟ ଫସଲ ଭାବରେ ବିରି, କୋଳଥ, ମୁଗ, ହରଡ, ଚିନାବାଦାମ, ରାଶି, ମସଲା ଜାତୀୟ ଫସଲ ଭାବରେ ସୋରିଷ, ଅଦା, ଧଣିଆ, ଲଙ୍କା ଆଦି ଚାଷ କରାଯାଉଛି। ବ୍ଲକ ଅଞ୍ଚଳର ଅନ୍ୟୂନ ୧୦ରୁ ଅଧିକ ପଞ୍ଚାୟତରେ ପରିବାଚାଷ ଭାବରେ କୋବି ଫସଲକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଚାଷୀମାନେ ବିଲାତି, କଖାରୁ, ଝୁଡଙ୍ଗ, ବିନ୍ସ, କାକୁଡି, ଜହ୍ନି, ବାଇଗଣ ଆଦି ବିଭିନ୍ନ ପ୍ରକାର ପରିବାଚାଷ କରୁଛନ୍ତି। ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବ ଅନୁମାନ କରିଥିଲା। ୭୦ରୁ୮୦ କି.ମି. ବେଗରେ ପବନ ବହିବ ବୋଲି କୁହାଯାଉଥିଲା। ହେଲେ ଏହି ବ୍ଲକ ଅଞ୍ଚଳରେ ବାତ୍ୟାକୁ ନେଇ କରାଯାଇଥିବା ଆକଳନଠାରୁ କମ୍ ପ୍ରଭାବ ରହିଥିଲା। ବାତ୍ୟା ପ୍ରଭାବରେ ୩ଦିନ ହେଲା କୋହଲା ପାଗ ରହୁଛି। ନରମ ପାଗ ଯୋଗୁ ଫସଲ କିଆରିରେ ରୋଗପୋକ ସଂଖ୍ୟା ବୃଦ୍ଧି ଘଟିବା ସମ୍ଭାବନା ବଢିଯାଇଛି। ଆଗକୁ ପାଗ ଶୁଖିଲା ହେବା ସହ ତାପମାତ୍ରା ନିମ୍ନଗାମୀ ହେବ ବୋଲି ଅନୁମାନ କରାଯାଉଛି। ଏଭଳି ଘଟିଲେ କୀଟନାଶକ ଦ୍ୱାରା ରୋଗପୋକକୁ ନିୟନ୍ତ୍ରଣ କରାଯାଇପାରିବ। ବର୍ଷାଜଳ ସିଞ୍ଚନ ଯୋଗୁ ଗଛମୂଳ ଅଣ୍ଡା ରହିବା ସହ ରାତିର କାକରରେ ଫସଲ ଉଧେଇଯିବ ଓ ଅମଳ ଭଲ ହେବ ବୋଲି ଆଶାବାନ୍ଧିଛନ୍ତି କେଦାର ଦେଓ, ଦିଲୀପ ପରିଡା, କେଶବ ସାହୁ, ଦୈତାରୀ ନାୟକଙ୍କ ସମେତ ବହୁ ଚାଷୀ। ଚାଷୀମାନେ କହିଛନ୍ତି, ବର୍ଷା ଯୋଗୁ ପରିବା କ୍ଷେତରେ ପାଣି ମଡ଼ାଇବା କାର୍ଯ୍ୟ କିଛିଦିନ ପାଇଁ ବନ୍ଦ ରହିଛି। ଏଭଳି ସ୍ଥିତିରେ ଚାଷୀମାନଙ୍କୁ ଫାଇଦା ମିଳିପାରିଛି। ଆସନ୍ତା ଦିନରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନ ଘଟିଲେ ରବି ଫସଲ ଲାଭଦାୟକ ହେବ ବୋଲି ଅନୁମାନ କରାଯାଉଛି।



# ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମିନାବଜାର

**ଯାଜପୁର ଟାଉନ,୯।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଯାଜପୁର ନଗର ଶ୍ରୀ ଗଣେଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମୀନାବଜାର କାର୍ଯ୍ୟକ୍ରମ ସ୍ଥାନୀୟ କୁଆଁସରପୁର ଶନି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ପ୍ରେସ୍ କ୍ଲବର ପୂର୍ବତନ ସଭାପତି ଆନନ୍ଦ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ଦିନଚର୍ଯ୍ୟାର ସମ୍ପାଦକ ତପନ ମହାରଣ୍ୟ ଶର୍ମା ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଶିକ୍ଷାର ବିକାଶ ପାଇଁ ପ୍ରତିଯୋଗୀ ମନୋଭାବ ରହିବା ସହ ଆତ୍ମନିର୍ଭଶୀଳ ହେବାର ଏହା ଏକ ମାଧ୍ୟମ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ବେହୁରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତାରାଣୀ ସାହୁ, ଭାଗ୍ୟଲକ୍ଷ୍ମୀ ଦାଶ, ରାସେଶ୍ୱରୀ ମହାନ୍ତି, ପ୍ରିୟଙ୍କା ଓଝା, ସୁନିତା ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୫୦ ଛାତ୍ରୀଛାତ୍ର ମୀନାବଜାରରେ ଦୋକାନ ବଜାର ଖୋଲିବା ସହ କ୍ରୟ ବିକ୍ରୟ କାର୍ଯ୍ୟକ୍ରମ ଚାଲୁ ରଖିଥିଲେ। ଅଭିଭାବକମାନେ ଏହି କାର୍ଯ୍ୟକ୍ରମରୁ ମଜା ଉଠାଉଥିଲେ।



ମିନା ବଜାରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଫାଷ୍ଟ କମ୍ ଫାଷ୍ଟ ଲୋଡିଂରେ ଅନିୟମିତତା

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର

**କାଳିଆପାଣି,୯।୧୨(ଅସିତ ମହାନ୍ତ)**

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କ୍ରୋମାଇଟ୍ ପରିବହନ କ୍ଷେତ୍ରରେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। କ୍ରୋମାଇଟ୍ ପରିବହନରେ ନିୟୋଜିତ ହେଉଥିବା ଟ୍ରକର ଖାତାରେ ସିରିଏଲ ଲେଖା ଓ ଟୋକନ ଚିଠାରେ ବ୍ୟାପକ ଦୁର୍ନୀତି ହେଉଥିବାରୁ ହାଇକୋର୍ଟ ଏସବୁକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଧାଡ଼ିରେ ଟ୍ରକ ନ ଥାଇ କେତେଜଣ ମୁଷ୍ଟିମେୟ ମାଲିକଙ୍କ ସିରିଏଲ ଲେଖା ହେଉଥିବାର ବହୁ ଦିନରୁ ଏ ସଂକ୍ରାନ୍ତରେ ଅଭିଯୋଗ ହୋଇ ଆସୁଥିଲା। ଗତ ୬ ତାରିଖ ଦିନ ଖଣିରେ ପ୍ରବେଶ ପାଇଁ ଲେଖା ହୋଇଥିବା ସିରିଏଲରେ ଟ୍ରକ ନ ଥାଇ କ୍ରମିକ ନମ୍ବର ପଡିଥିବା ପ୍ରମାଣିତ ହୋଇଛି । ଏହାକୁ ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି କୁର୍ତ୍ତିବାସ ଭଞ୍ଜଙ୍କ ଏକ ଲେଖା ହାଟ୍ସଆପ୍‌ରେ ଘୁରି ବୁଲୁଛି। ଏହାକୁ ନେଇ ଟ୍ରକ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଲେଖା ସିରିଏଲକୁ ସମ୍ପୂର୍ଣ୍ଣ ବନ୍ଦ କରି ଫାଷ୍ଟ କମ୍ ଫାଷ୍ଟ ଲୋଡ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

ସୁକିନ୍ଦା ଖଣି ଉପତ୍ୟକାରେ କ୍ରୋମାଇଟ୍ ପରିବହନରେ ନିୟୋଜିତ ଟ୍ରକ୍ ବ୍ୟବସାୟକୁ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିଜ ହାତମୁଠାରେ ପରିଚାଳିତ କରୁଥିବାରୁ ଏହାକୁ ନେଇ ବହୁ ବିବାଦ ମୁଣ୍ଡ ଟେକୁଛି । ପୂର୍ବରୁ ଏମିତି ବେଆଇନ ଭାବେ କ୍ରୋମାଇଟ ଲୋର୍ଡିଙ୍ଗ ଚାଲିଥିବାରୁ ଏକାଧିକ ଟ୍ରକ ମାଲିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟ ଟୋକନ, ଚିଠା, କମ୍ପ୍ୟୁଟର ସିରିଏଲ ଏସବୁ ଥିରେ ଦୁର୍ନୀତି ହେଉଥିବା ହୃଦଙ୍ଗମ କରି ଫାଷ୍ଟ କମ୍ ଫାଷ୍ଟ ଲୋର୍ଡିଙ୍ଗ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ସେତେବେଳେ ହାଇକେର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ନାକେଦମ ହେବାକୁ ପଡିଥିଲା । ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଜିଲା ପ୍ରଶାସନ ବାଧ୍ୟ ହୋଇଥିଲା। ଯେଉଁ ଟ୍ରକ ପ୍ରଥମେ ଖଣିର ପ୍ରବେଶ ଫାଟକ ନିକଟରେ ପହଁଞ୍ଚିବ କ୍ରମାନୁସାରେ ସେହି ଟ୍ରକଗୁଡିକ କ୍ରୋମାଇଟ ଲୋର୍ଡିଙ୍ଗ କରି ପାରିବେ ବୋଲି ନିର୍ଦ୍ଦେଶ ଜାରି କରିବା ସହିତ ସ୍ଥାନୀୟ ପୋଲିସ ସହାୟତା ଯୋଗାଇ ଆସୁଥିଲା । ମାତ୍ର ୩ରୁ ୪ ମାସ ଏହି ବ୍ୟବସ୍ଥା ଚାଲୁଥିବା ବେଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୂର୍ବ ପ୍ରଥା ଅନୁଯାୟୀ ଚିଠା ସିରିଏଲ କରି ଟ୍ରକ ଲୋର୍ଡିଙ୍ଗ କରୁଥିବା ଅଭିଯୋଗ ହୋଇଛି ।

# କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ମିଳିନି

**ବଡଚଣା,୯।୧୨(ଦିଲ୍ଲୀପ କୁମାର ମହାନ୍ତି)**

ଗତ ଏପ୍ରିଲ ମାସରେ ହଠାତ ପ୍ରବଳ କୁଆ ପଥର ମାଡ଼ରେ ବଡଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ, ଅଣକା ଓ ମାଣ୍ଡୁକା ପ୍ରମୁଖ ପଞ୍ଚାୟତର ବହୁ ଲୋକଙ୍କର ଟିଣ, ଆଜବେଷ୍ଟ ଓ ଟାଇଲ ଛପର ଘର କ୍ଷତିଗ୍ରସ୍ତ ହୋଇଥିଲା । ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପାଲ ଓ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଥିଲେ। ଦର୍ପଣ ତହସିଲ ପକ୍ଷରୁ ରାଜସ୍ୱ ନୀରିକ୍ଷକମାନେ ସମ୍ପୃକ୍ତ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଆକଳନ କରି ସେମାନଙ୍କୁ ପାଲ ଓ ଘର ମରାମତି ପାଇଁ ଆର୍ଥିକ ସହୟତା ପ୍ରଦାନ କରିଥିଲେ । ମାତ୍ର ୨୨ ମଉଜା ରାଜସ୍ୱ ନୀରିକ୍ଷକ ଅଣକା ପଞ୍ଚାୟତର ଭୁଲୁକା ଗ୍ରାମକୁ ଯାଇ କ୍ଷତିଗସ୍ତ ଆକଳନ କରିଥିବା ସତ୍ତ୍ୱେ ୬୦ରୁ ଊର୍ଦ୍ଧ୍ୱ ପରିବାର ଏପର୍ଯ୍ୟନ୍ତ ପାଲ କିମ୍ବା ଆର୍ଥିକ ସହାୟତା ପାଇ ନାହାନ୍ତି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଉଲୁକା ଗ୍ରାମବାସୀଙ୍କୁ ସହାୟତା ପ୍ରଦାନ କରା ନ ଗଲେ ଆଗାମୀ ଦିନରେ କ୍ଷତିଗସ୍ତ ପରିବାର ଦର୍ପଣ ତହସିଲ ଆଗରେ ଧାରଣା ଦେବେ ବୋଲି ଘୋଷଣା କରିଛନ୍ତି ।





@ ଅଭିଷେକ


@ ଅରୁଣ


@ ବାବୁନି


@ ପ୍ରଭାସ


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋବାଇଲ ଚୋରି ଅଭିଯୋଗରେ ୩ ଗିରଫ

**ଯାଜପୁରରୋଡ୍,୯।୧୨(ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ଥାନା ଅଞ୍ଚଳରେ ଦିନକୁ ଦିନ ମୋବାଇଲ ଫୋନ୍ ଚୋରି ବୃଦ୍ଧିପାଉଛି। ଯାହା ପୋଲିସର ମୁଣ୍ଡ ବଥାରକାରଣ ହେଉଛି। ଗତ ମାସ ୧୮ ତାରିଖରେ ଏହି ଥାନା ଅନ୍ତର୍ଗତ ଖରଡ଼ି ଗ୍ରାମର ଗୋପାଳ ଚନ୍ଦ୍ର ମହାନ୍ତିଙ୍କଠାରୁ ମୋବାଇଲ୍ ଫୋନ୍ ଝାମ୍ପିନେବା ମାମଲାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ୧୦ ଚୋରି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁରରୋଡ୍ ଥାନା ଅନ୍ତର୍ଗତ ରାଛିପୁରୁ ଗ୍ରାମର ଶଙ୍କର୍ଷଣ ବିନ୍ଧାଣି(୨୮), ରାଜୁ ବିନ୍ଧାଣି(୨୧) ଓ ବ୍ୟାସନଗର ପୌରାଞ୍ଚଳ ଗଣେଶ ବଜାର ମୋଚିସାହିର ମୋହନ ରାଓ ଓରଫ ମୁନା (୩୨)। ଘଟଣାଦିନ ଗୋପାଳ ନିଜଘରକୁ ସାଇକେଲରେ ଫେରୁଥିବା ସମୟରେ ୩ ଯୁବକ ହଠାତ ଆକ୍ରମଣ କରି ତାଙ୍କର ସାର୍ଟ ପକେଟରୁ ୨ ମୋବାଇଲ ଝାମ୍ପିନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଗୋପାଳ ଯାଜପୁରରୋଡ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୫୭୪/୨୩ରେ ମାମଲା ରୁଜୁ ହୋଇଛି।

# ଗୋଚର ଜମିରେ ଇଟାଭାଟି

## ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଦାବି

**ପାଣିକୋଇଲି,୯।୧୨(ବିକାଶ ମଲ୍ଲିକ):**

ପାଣିକୋଇଲିର ସଠିପୁର ଅଞ୍ଚଳ ଉପରଭାଟି ଇଟା ପାଇଁ ପ୍ରସିଦ୍ଧି ଲାଭ କରିଛି। କୋରେଇ ବ୍ଲକ୍‌ର କରଦା ଓ ମୂଳାପାଳ ଏବଂ ଯାଜପୁର ବ୍ଲକର ମାଳଆନନ୍ଦପୁର ପଞ୍ଚାୟତ ଇଟାର କୁଟୀର ଶିଳ୍ପ ପାଲଟିଛି। ଘରବାରି, ନଦୀପଠା, ବିଦ୍ୟାଳୟ ପାର୍ଶ୍ୱ, ରାସ୍ତାକଡ଼ ସହିତ ବେଆଇନ ଭାବେ ସରକାରୀ ଅନାବାଦି, ଗୋଚର ଜମିରେ ମଧ୍ୟ ଇଟା ପକ୍କା ଚାଲିଛି। ସରକାରୀ କଟକଣା ନ ଥିବାରୁ ଚଳିତ ବର୍ଷ ଦୁର୍ଗାପୂଜା ପୂର୍ବରୁ ଇଟା ପକ୍କା ଆରମ୍ଭ ହୋଇ ଇଟା ବିକ୍ରି ଆରମ୍ଭ ହୋଇଛି। କରଦା ପଞ୍ଚାୟତର ପଳସା ଗ୍ରାମରେ ଗୋଚର ଜମି ଦଖଲ କରି ବ୍ୟକ୍ତିଗତ ଇଟା ପକ୍କା ଯାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଗୋଚର ଜମିରେ ବ୍ୟକ୍ତିଗତ ଭାବେ ଜବରଦଖଲ କରି ଇଟା ପକାଇବା ଯୋଗୁ ଗୋରୁ ଚରିପାରୁ ନାହାନ୍ତି। ଧାନ କଟା ସରି ନ ଥିବାରୁ ଗୋରୁ ଛାଡ଼ କରାଯାଇନାହିଁ। କିନ୍ତୁ ଗୋରୁ ବାନ୍ଧିବାକୁ ଥିବା ଗୋଚର ଜମି ଏବେ ଜବର ଦଖଲରେ ରହିଛି। ପଳସା ଗ୍ରାମର ଜଣେ ବ୍ୟକ୍ତି ଗୋଚର ଜମି ଜବରଦଖଲ କରି ଇଟା ପକାଇବାଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମର ଛବି ମଳିକଙ୍କ ସମେତ ୧୧ ଜଣ ଗ୍ରାମବାସୀ ଏନେଇ କଳିଙ୍ଗନଗର ଏଡିଏମ, ବ୍ୟାସନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ଏହାକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ କଳିଙ୍ଗନଗର ଏଡିଏମ ବ୍ୟାସନଗର ତହସିଲଦାରଙ୍କୁ ସରକାରୀ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗତ ସେପ୍ଟେମ୍ବର ୫ ତାରିଖରୁ ଏଡିଏମ ନିର୍ଦ୍ଦେଶ ଦେଇଥିବାବେଳେ ତହସିଲଦାର କେବେ କେଉଁଦିନ ଏହି ଜମିକୁ ଖାଲି କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।


ଗୋଚର ଜମିରେ ଗଢ଼ି ଉଠିଥିବା ଇଟାଭାଟି।

# ସୁଭାଷ ବୋଷ ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

**ବ୍ରହ୍ମବରଦା,୯।୧୨ (ଯଯାତି କେଶରୀ ବେହେରା)**

ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତର ଛେନାଖିଆ ପାଟଣା ଗ୍ରାମର ସୁଭାଷ ବୋଷ ୟୁଥ କ୍ଲବ୍‌ର ବାର୍ଷିକ ଉତ୍ସବ ତଥା କ୍ଲବ ସଦସ୍ୟ ପରେଶ ସାହୁ, କୁଶଚନ୍ଦ୍ର ବେହେରା ଓ ଏନ୍ ଦେବାନନ ରାଓଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶ ମୋ ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହିମାଛକ ମା'ସିଦ୍ଧେଶ୍ୱରୀ ମନ୍ଦିର ପ୍ରଙ୍ଗଣରେ ଆୟୋଜିତ ଶିବିରକୁ ବରୀ ବିଧାୟକ ସୁନନ୍ଦା ଦାସ ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଯାଜପୁର ଜିଲା ସଂଯୋଜକ ବିମଳ ଦାସ ଏବଂ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଅସହାୟ ମହିଳା ଓ ବୃଦ୍ଧାବୃଦ୍ଧଙ୍କୁ ବିଧାୟକ ଶୀତବସ୍ତ୍ର ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଶିବିରରେ ୮୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ସିଂହପୁର,୯।୧୨(ଅନଙ୍ଗ ଉଦୟ ବେଉରିଆ):**

ଅଙ୍ଗାଳ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଜରିଆରେ ମହାବିଦ୍ୟାଳୟରେ ସାମାଜିକ କାର୍ଯ୍ୟକ୍ରମ ଓ ନିଶାନିବାରଣ ଉପରେ ସଚେତନତା କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ ଥାଟୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରଣପୁର ସରପଞ୍ଚ ରିୟାଙ୍କା ଜେନା, ସମ୍ମାନିତ ଅତିଥି ସ୍ୱପ୍ନାରାଣୀ ସେଠୀ, ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ କୁମାର ରାୟ, ଅଧ୍ୟାପକ ଦିଲୀପ ରାଉତ ଓ ଅଧ୍ୟାପକ ମଦନ ମୋହନ ପରିଡ଼ା ଯୋଗ ଦେଇଥିଲେ। ନୋଡାଲ ଅଫିସର ଭରତ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୧୦୦ ଛାତ୍ର ଓ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ନାଟକ 'ଖାଇଲେ ନିଶା ଭୋଗିବୁ ଦଶା' ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୁଆଖିଆ ଥାନା ଅଞ୍ଚଳରୁ ଚୋରି

## ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଦଳ ସହାୟତାରେ ପୋଲିସର ତଦନ୍ତ

**ରସୁଲପୁର,୯।୧୨(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମ(ଗୋସାଇଁ ମଠ) ଓ ବାହାଦଲାପୁର ପଞ୍ଚାୟତରୁ ଘରତାଲା ଭାଙ୍ଗି ନଗଦ ଟଙ୍କା, ସୁନା ଗହଣା ଆଦି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ବିନୋଦ ବିହାରୀ ଦାଶ ଯାଜପୁର ରୋଡରେ ଭଡ଼ାଘରେ ରହୁଛନ୍ତି। ତାଙ୍କ ବିଲିପଡ଼ା ଗାଁ ଘରେ ଦାଦା ରହୁଥିବାବେଳେ ଶୁକ୍ରବାର ରାତିରେ ତାଙ୍କ ଘରୁ ଟଙ୍କା ଓ ରୂପା ଅଳଙ୍କାର ଚୋରି ହୋଇଛି। ଦୁର୍ବୃତ୍ତ ଘର ତାଲି ଭାଙ୍ଗି ୩ ହଜାର ଟଙ୍କା ଓ ଘରେ ଥିବା ରୂପାଗହଣା ନେଇ ଯାଇଛନ୍ତି। ଏ ସମ୍ପର୍କରେ ତାଙ୍କ ଦାଦା ଫୋନ ଯୋଗେ ଖବର ଦେଇଥିଲେ। ଉକ୍ତ ଖବର ପାଇ ଘରର ସ୍ଥିତି ଅନୁଧ୍ୟାନ କରିବା ପରେ ବିନୋଦ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଦୁର୍ବୃତ୍ତ ସେହି ଗ୍ରାମର ସ୍ୱରୂପାନନ୍ଦ ଦାଶଙ୍କ ଘର ତାଲା ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରିଛନ୍ତି। ଏହାଛଡ଼ା ବାହାଦଲାପୁର ପଞ୍ଚାୟତର ସନ୍ତୋଷ ମଲିକଙ୍କ ତଳଘର ତାଲା ଭାଙ୍ଗି ବାକ୍ସରୁ ୧୬ହଜାର ଟଙ୍କା, ହଳେ ସୁନା କାନଫୁଲ, ରୂପା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ପୋଲିସ ନମ୍ବର-୪୬୩/୨୩ ଓ ୪୬୪/୨୩ରେ ଦୁଇଟି ମାମଲା ରୁଜୁ କରିଛି। ଗାଁରେ ଭିକ୍ଷା ମାଗୁଥିବା ଆଳରେ ବୁଲି ସ୍ଥିତି ଠଉରାଉଥିବା ବ୍ୟକ୍ତିମାନଙ୍କ ଚୋରିରେ ସଂପୃକ୍ତି ରହିଥିବା ନେଇ ପ୍ରାଥମିକ ତଦନ୍ତରୁ ସନ୍ଦେହ ପ୍ରକଟିତ ହୋଇଛି। ଦୁର୍ବୃ ଚୋରି କରିବା ପରେ ବାରିପଟେ ନଦୀବନ୍ଧ ଦେଇ ୧୬ନଂ ଜାତୀୟ ରାଜପଥ ଆଡକୁ ଫେରାର ହୋଇଯାଇଥିବା ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ ବେଳେ ଜଣାପଡ଼ିଛି।

# ଓମ୍‌ସା ପକ୍ଷରୁ ଆନ୍ଦୋଳନ ଚେତାବନୀ

## ଡାକ୍ତରଙ୍କୁ ଆକ୍ରମଣ, ଦୁର୍ବ୍ୟବହାର ଘଟଣା

■ ଅଭିଯୁକ୍ତଙ୍କୁ ଗିରଫ ଦାବି ଜୋର ଧରିଲା

■ ଥାନାରେ ଅଭିଯୋଗ କରିବାକୁ ୧୦ ଦିନ ବିତିଲା

ରାଜନଗର,୯।୧୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ କେତେକ ଯୁବକ ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ସହ ମାରିବାକୁ ଗୋଡାଥିଲେ । ଏପରି କି ଡାକ୍ତରଙ୍କ କାନ୍ଧରେ ହାତ ପକାଇ ଦୁର୍ବ୍ୟବହାର କରିଥିଲେ । ଏହି ଘଟଣାକୁ ଇତିମଧ୍ୟରେ ୧୧ଦିନ ବିତିଛି । ଏହାର ପ୍ରତିବାଦରେ ସମସ୍ତ ଡାକ୍ତର, ନର୍ସ ଓ ଡାକ୍ତରଖାନାର କର୍ମଚାରୀ ୩୦ ତାରିଖ ଦିନ ସକାଳୁ ଦିନ ୧୨ଟା ଯାଏ ଧାରଣାରେ ବସିଥିଲେ। ବିଧାୟକ ଧ୍ରୁବ ସାହୁ ଘଟଣାସ୍ଥଳରେ ପହଞ୍ଚି ରାତ୍ରିକାଳୀନ ସୁରକ୍ଷା ବ୍ୟବସ୍ଥା ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଡାକ୍ତରମାନେ ଧାରଣାରୁ ଉଠିଥିଲେ। ଏ ନେଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତିଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି।



ଓମ୍‌ସା ପକ୍ଷରୁ ଆୟୋଜିତ ବୈଠକ।

ହେଲେ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନି। ଏହାକୁ ନେଇ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଅଭିଯୁକ୍ତଙ୍କୁ ଗିରଫ ଓ ଡାକ୍ତରଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ଓଡ଼ିଶା ମେଡ଼ିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା)ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି। କେନ୍ଦ୍ରାପଡ଼ା ଜିଲା ଓମ୍‌ସାର ସଭାପତି ଡା. ସଞ୍ଜିତ୍ ସେଠୀ, ସମ୍ପାଦକ ଡା. ନିରଞ୍ଜନ କର, ଡା. କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ମଙ୍ଗଳବାର ସୁଦ୍ଧା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓମ୍‌ସା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ଗତ ୨୯ ତାରିଖ ରାତି ପ୍ରାୟ ସାଢେ ୧୧ଟା ସମୟରେ ମରିଚାପଲ୍ଲୀ ଗାଁର ମୁନା ପାଲଙ୍କ ସହିତ ୬ ଯୁବକ ହଠାତ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଥିଲେ । ସେମାନେ ଚିକିତ୍ସା ଦାୟିତ୍ୱରେ ଥିବା ଡା. ଆଶୁତୋଷ ବାରିକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରି କି ଡାକ୍ତରଙ୍କ କାନ୍ଧରେ ହାତ ପକାଇ ଭାଇଙ୍କୁ ଦେଖାକର ବୋଲି କହିଥିଲେ। ସେମାନେ ମଦ ପିଇଥିବା ବେଳେ ଡାକ୍ତର ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଖବରପାଇ ମୁଖ୍ୟ ଚିକିତ୍ସାଧିକାରୀ ମହାନ୍ତି ପହଞ୍ଚିବା ପରେ ତାଙ୍କୁ ମଧ୍ୟ ଗାଳି ଗୁଲଜ କରିବା ସହ ମାରିବା ପାଇଁ ଗୋଡାଇଥିଲେ। ସେ ଜୀବନ ରକ୍ଷା କରିବା ପାଇଁ ଦୌଡି ଅଫିସ ଭିତରକୁ ଚାଲି ଯାଇଥିଲେ। ଏପରି କି ଏହି ଘଟଣାର ୭ଦିନ ପରେ ସେମାନେ ରାତିରେ ପହଞ୍ଚି ଦାୟିତ୍ୱରେ ଥିବା ନର୍ସଙ୍କୁ ଖରାପ ବ୍ୟବହାର କରିଥିଲେ ବୋଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାନ୍ତି ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ସଂକ୍ଷେପରେ

### ବନ୍ଦ ଥିବା ବାହାଘର ସମ୍ପନ୍ନ

### ପେଟ୍ରୋଲ ନିଆଁରେ ଶିଶୁ ଜୀବନ୍ତ ଦଗ୍ଧ ଘଟଣା

ପଟ୍ଟାମୁଣ୍ଡାଇ,୯।୧୨(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଡ଼ପଡ଼ା ପଞ୍ଚାୟତରେ ଗୁରୁବାର ବର ଶୋଭଯାତ୍ରାରେ ବାହାରିବା ପୂର୍ବରୁ ଏକ ଦୁଃଖଦ ଘଟଣା ଘଟିଥିଲା । ବରଯାତ୍ରୀଙ୍କ ଗାଡ଼ିରେ ଭରିବା ପାଇଁ ରଖାଯାଇଥିବା ପେଟ୍ରୋଲ ଜାରରେ ଅଚାନକ ନିଆଁ ଲାଗି ଜଣେ ୩ବର୍ଷର ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଏଥିରେ ଅନ୍ୟ ୩ ଜଣ ଆହତ ହୋଇଥିଲେ । ଏହି ଘଟଣା ପରେ ସେଦିନ ବିବାହକୁ ବାତିଲ କରି ଦିଆଯାଇଥିଲା। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇର ଏକ ମଣ୍ଡପରେ ସେହି ବିବାହ ସମ୍ପନ୍ନ ହୋଇଛି। ଏଥିସହିତ ଶନିବାର ମାଟିଆଠାରେ ମୃତ ଶିଶୁ ଗୁଗୁଲର ମୃତଦେହ ସଂସ୍କାର କରାଯାଇଛି। ଅଗ୍ନିକାଣ୍ଡରେ ଆହତ ବ୍ୟକ୍ତିମାନେ କେନ୍ଦ୍ରାପଡ଼ା ଓ କଟକରେ ଚିକିତ୍ସାଧୀନ ଅଛନ୍ତି । ରାଜନଗର ବିଧାୟକ ଧ୍ରୁବ ସାହୁ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।

# ରାସ୍ତା ଉନ୍ନତୀକରଣ, ରକ୍ଷଣାବେକ୍ଷଣ ପାଇଁ ଶିଳାନ୍ୟାସ



ମନ୍ତ୍ରୀ ପ୍ରତାପ କେଶରୀ ଦେବ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ରାଜକନିକା,୯।୧୨(ସଞ୍ଜୟ କୁମାର ଦାଶ)

ବହୁ ଚର୍ଚ୍ଚିତ କଣ୍ଟପଡା ହାଟ ଛକଠାରୁ ପିମ୍ପୁଡି ଭାୟା ବଡାଗର ରାସ୍ତାର ଶନିବାର ଭିତ୍ତିପ୍ରସ୍ତର ସ୍ଥାପନା ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଟ୍ରିପ୍ ସ୍କିମ) ରାସ୍ତାର ଉନ୍ନତି କରଣ ଓ ରକ୍ଷଣାବେକ୍ଷଣ ପାଇଁ ଶକ୍ତି, ଶିଳ୍ପ, ଅଣୁ-କ୍ଷୁଦ୍ର ଓ ମଧମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ରାସ୍ତାର ବ୍ୟୟ ଅଟକଳ ୬୦୯କୋଟି ୧୪ଲକ୍ଷ ଟଙ୍କା ରଖାଯାଇଛି। ଏହି ରାସ୍ତା ହେବା ଦ୍ୱାରା ପ୍ରାୟ ୨୦ ଖଣ୍ଡ ଗ୍ରାମର ଅଧିବାସୀ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୨୮ନଂ. ଜିଲା ପରିଷଦ ଜୋନ୍ ସଭ୍ୟ ପ୍ରତାପ ବେହେରା, ରାଜକନିକା ପଞ୍ଚାୟତ ସମିତି ଉପାଧକ୍ଷା ତଥା କଣ୍ଟପଡ଼ା ପଞ୍ଚାୟତ ସମିତି ସଭ୍ୟ ତନ୍ମୟ ରଞ୍ଜନ ଦାସ ଓ କଣ୍ଟପଡା ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ଭରତ ମହାପାତ୍ର, ୨୭ନଂ. ଜିଲାପରିଷଦ ଜୋନ ସଭ୍ୟା ଅମିତା ସାହୁ, ସହକାରୀ ଯନ୍ତ୍ରୀ ସୁବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ମାନସ ନାୟକ ଓ ହୃଷିକେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସରକାରୀ ଆଇଟିଆଇ ଛକରେ ବ୍ୟାଗ୍ ଲୁଟ

ପଟ୍ଟାମୁଣ୍ଡାଇ,୯।୧୨(କଳ୍ପତରୁ ଦାସ)

ପଟ୍ଟାମୁଣ୍ଡାଇରେ ଲୁଟେରାଙ୍କ ଉପଦ୍ରବ ବଢିବାରେ ଲାଗିଛି । ଶୁକ୍ରବାରି ଦିବା ୧.୪୦ ମିନିଟ ସମୟରେ ଲୁଟେରାମାନେ ଟଙ୍କା ଲୁଟ ଆଶାରେ ବହୁ ଦରକାରୀ ସରକାରୀ କାଗଜପତ୍ର ଥିବା ଜଣେ ମଦ୍ରାସା ପ୍ରଧାନଶିକ୍ଷକଙ୍କ ବ୍ୟାଗ୍ ଲୁଟ କରି ଫେରାର ହୋଇଯାଇଛନ୍ତି । ସମ୍ପୃକ୍ତ ପ୍ରଧାନଶିକ୍ଷକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ପୋଲିସ ଏକ ମାମଲା ରୁଜୁ କରି ବ୍ୟାଗ୍ ଲୁଟ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଡାମରପୁର ପଞ୍ଚାୟତ ଡାମରପୁର ମଦ୍ରାସା ହାନାଫିଆର ପ୍ରଧାନଶିକ୍ଷକ ଏମ୍‌ଡି ଆନସାରୀ ଅଲ୍ଲୀ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଏକ ବ୍ୟାଗ୍‌ରେ କାଗଜପତ୍ର ଧରି ବାହାରିଥିଲେ । ଚାହାପଡା ନିକଟ ପଟ୍ଟାମୁଣ୍ଡାଇ ସରକାରୀ ଆଇ ଟି ଆଇ ଛକ ରାସ୍ତା ନିକଟରେ ବାଇକ୍‌ରେ ଦୁଇ ଜଣ ମୁଖାପିନ୍ଧା ଯୁବକ ଆସି ତାଙ୍କ ବ୍ୟାଗ୍ ଛଡାଇ ନେଇ ରାଜନଗର ଆଡକୁ ଦ୍ରୁତଗତିରେ ଚାଲି ଯାଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ

ରାଜକନିକା,୯।୧୨
(ରବିନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରିପଡା ନିକଟରେ ସ୍କୁଟି ଓ ବାଇକ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କଇଥାପାଳଗ୍ରାମର ରମେଶ ଚନ୍ଦ୍ର ନାୟକ ଓ ଖଗେଶ୍ୱର ନାୟକ । କଣ୍ଠିଆର ସୁଶାନ୍ତ ବିଦ୍ଧାଣି ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୁଶାନ୍ତ ଏକ ସ୍କୁଟ (ନଂ.ଓଡି ୨୯ କେ ୬୦୪୦)ରେ ଓଳାଭରକୁ ଯାଉଥିବା ବେଳେ ରମେଶ ଓ ଖଗେଶ୍ୱର ବାଇକ୍(ନଂ.ଓଆର ୦୨ ଏଇ ୮୨୪୮୦)ରେ ଓଳାଭରରୁ ଫେରୁଥିଲେ ଉଭୟ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ଦେଇଥିଲା । ରାଜକନିକା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରାଜକନିକା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ମିନତି ରାଉତ, ପୂର୍ବତନ ସରପଞ୍ଚ ପବିତ୍ର ରାଉତ ଓ ବୀଣାପାଣି ସାଂସ୍କୃତିକ ପରିଷଦର ସଭାପତି ରାହାସ ବିହାରି ପରିଡା, କଣ୍ଠିଆ ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ପ୍ରମୂଖ ଶୋକବ୍ୟକ୍ତ କରିଛନ୍ତି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

କୁଜଙ୍ଗ,୯।୧୨(ମନୋଜ ପ୍ରଧାନ)

କୁଜଙ୍ଗ ଅଦାଲତ ପରିସରରେ ତାଲୁକ ଆଇନ ସେବା କମିଟି ସହଯୋଗରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୧୯ ମାମଲା ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୧୩ ମାମଲାର ଫଇସଲା କରାଯାଇ ୪ କୋଟି ୬୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ଏହି ଅବସରରେ କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧକ୍ଷ ପାର୍ଥସାରଥି ପଟ୍ଟନାୟକ, ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ସିଭିଲ ଜଜ୍ ଅନୁରାଧା ଶର୍ମା, ଜେଏମ୍‌ଏଫ୍‌ସି ବିଶ୍ୱଭୂଷଣ ନାୟକ ଉପସ୍ଥିତ ରହି ମାମଲାଗୁଡ଼ିକର ଶୁଣାଣି କରିଥିଲେ। ସ୍ୱତନ୍ତ୍ର ପିପି ଦେବାଶିଷ କଣ୍ଡ, ଓକିଲ ସଂଘ ସଭାପତି ସତ୍ୟାନନ୍ଦ ବିଶ୍ୱାଳଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ଆଇନ ସହାୟତା ଯୋଗାଇଦେଇଥିଲେ।




ପଟ୍ଟାମୁଣ୍ଡାଇରେ ଶନିବାର ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଏବଂ ଅନ୍ୟମାନେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଭିଷେକ



@ ଅରୁଣ



@ ବାବୁନି



@ ପ୍ରଭାସ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଲମ୍ବିତ ହେଲେ ଜେଲ ୱାର୍ଡର

## ରଗଡ଼ି ସବ୍‌ଜେଲରେ କଏଦୀଙ୍କ ମୃତ୍ୟୁ ଘଟଣା

କୋରେଇ,୯।୧୨(ଚନ୍ଦ୍ରକାନ୍ତ ପତି)

ରଗଡ଼ି ସବଜେଲରେ ବିଚାରାଧୀନ କଏଦୀ ବଳରାମ ବେହେରା(୨୯) ମୃତ୍ୟୁ ଘଟଣାରେ ପ୍ରଦୀପ କୁମାର ବେହେରା ନାମକ ଜଣେ ୱାର୍ଡରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। କାର୍ଯ୍ୟରେ ଅବହେଳା ଯୋଗୁ ବଳରାମ ଆତ୍ମହତ୍ୟା କରିଥିବା ଦର୍ଶାଇ ଜେଲ ଡିଆଇଜି ତାଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ଗତ ୬ ତାରିଖରେ ବଳରାମ ଜେଲ ଭିତରେ ଆତ୍ମହତ୍ୟା କରିଥିଲେ। ସେହିଦିନ ୱାର୍ଡର ବେହେରା ଦାୟିତ୍ୱରେ ଥିଲେ।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ଦୁଲୁକିଲା ଛତିଆ

ଛତିଆ,୯।୧୨(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଭାଲୁପୋଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶନିବାର ଶେଷ ହୋଇଯାଇଛି। ଏହି ଅବସରରେ ସମଗ୍ର ଅଞ୍ଚଳ ଦୁଇ ଦିନ ପାରମ୍ପରିକ ବାଦ୍ୟ, ନୃତ୍ୟରେ ଦୁଲୁକି ଉଠିଥିଲା। ଯାତ୍ରାକୁ ଉପଭୋଗ କରିବା ପାଇଁ ଯାଜପୁର ଜିଲା ସମେତ ଢେଙ୍କାନାଳ, କଟକ ଓ କେନ୍ଦ୍ରାପଡ଼ା ଜିଲାର ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ପାଟଣା ଯାତ୍ରା ପଡ଼ିଆରେ ମେଢ଼ଗୁଡ଼ିକୁ ବିଧି ମୁତାବକ ଯାତ୍ରା କମିଟି ପକ୍ଷରୁ ଭୋଗ ଅର୍ପଣ କରାଯିବା ପରେ ପ୍ରଥମେ ନନାଟୁଙ୍ଗୀ ଥାନପତି ମେଢ଼ର ବିସର୍ଜନ ଶୋଭାଯାତ୍ରା ବାହରିଥିଲା। ଏହାପରେ ଉପର ବଜାର, ଦେବୀ ସାହି, ଚାନ୍ଦିଆ ସାହି, ଗୌରୀ ଶଙ୍କର, ଏକ ଡାଳିଆ, ଗୁଡ଼ିଆ ସାହି ଓ ଥାନପତି କମିଟି ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟନୃତ୍ୟ ଦଳର ବିରାଟ ପଟୁଆରରେ ଶୋଭାଯାତ୍ରା ବାହାରିଥିଲା। ସୋଳର ଯାତ୍ରା ପଡ଼ିଆରେ କୋଚିଲା ଖାଇ ପୂଜା କମିଟି ପକ୍ଷରୁ ଆୟୋଜିତ ଅସୁର ପୋଡ଼ି ଓ ଆତସବାଜି ପ୍ରଦର୍ଶନ ଆହୁରି ମନୋରମ ପରିବେଶ ସୃଷ୍ଟି କରିଥିଲା। ଉକ୍ତ ଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଶାନ୍ତି କମିଟି ଗଠନ କରାଯାଇଥିଲା। ଯାଜପୁର ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଯାତ୍ରା ପଡ଼ିଆରେ ବିଭିନ୍ନ ପ୍ରକାର ଦୋଳି ସହ ଅନେକ ଦୋକାନ ଖୋଲାଯାଇଥିଲା।



ବାଘ ବେଶଧାରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଅପମିଶ୍ରିତ ୨ ଟ୍ରକ୍ କ୍ରୋମାଇଟ ଜବତ, ୫ ଗିରଫ

ମାର୍ଶାଘାଇ,୯।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ଦୀର୍ଘ ଦିନ ଧରି ଚଣ୍ଡିଖୋଲ -ପାରାଦୀପ ୫୩ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଚାଲିଥିବା କ୍ରୋମାଇଟ ଅପମିଶ୍ରଣ କାରବାରରେ ଲିପ୍ତ ଥିବା ଅଭିଯୋଗରେ ମାର୍ଶାଘାଇ ପୋଲିସ ୨ ଗାଡି ଚାଳକ ଓ ୩ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମର ଶାରଦା ପ୍ରସନ୍ନ ଜେନା (୪୮), ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ରଞ୍ଜନ ନାୟକ (୩୩), ମଙ୍ଗଳପୁର ଗ୍ରାମର କୁନା ବେହେରା (୪୦), ମଙ୍ଗରାଜ ବେହେରା (୩୮)ଓ ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମର ପ୍ରଭାସ କୁମାର ବର୍ମା (୪୮)। ସେମାନଙ୍କ ନିକଟରୁ ଏକ ୱାଗନାର କାର, ଦୁଇଟି ଅପମିଶ୍ରିତ କ୍ରୋମାଇଟ ବୋଝେଇ ଟ୍ରକ ଓ ନଗଦ ୨୦ ହଜାର ଟଙ୍କା ଜବତ କରାଯାଇଛି।



ଗିରଫ ୫ ଅଭିଯୁକ୍ତ।

ପୋଲିସର ସୂଚନା ଅନୁଯାୟୀ, ସୁକିନ୍ଦା କ୍ରୋମାଇଟ ଖଣିରୁ କଞ୍ଚା କ୍ରୋମାଇଟ ଟ୍ରକ ଯୋଗେ ପାରାଦୀପକୁ ପରିବହନ ହେଉଥିବା ବେଳେ ତାହାକୁ ବାଟରେ ଅଟକାଯାଇ ସେଥିରୁ ଚାଳକ ଓ ମାଲିକଙ୍କ ଜାଣତରେ କ୍ରୋମାଇଟ କଢ଼ା ଯାଇଥିଲା। ସେଥିରେ ସମ ପରିମାଣର ନକଲି କ୍ରୋମାଇଟ୍ ରଙ୍ଗର ମାଟି ଓ ଧୂଳି ମିଶା ଯାଇ ପାରାଦୀପକୁ ପଠାଯାଉଥିଲା । କଢ଼ା ଯାଇଥିବା କ୍ରୋମାଇଟ୍‌କୁ ଚୋରାରେ ଅଧିକ ମୂଲ୍ୟରେ ବିକ୍ରି କରାଯାଉଥିଲା। ଶୁକ୍ରବାର ରାତିରେ ୨ଟି ଅପମିଶ୍ରିତ କ୍ରୋମାଇଟ ବୋଝେଇ ଟ୍ରକ ପାରାଦୀପକୁ ଆସୁଥିଲା । ଏହାକୁ ୩ ଦଲାଲ ଏକ ୱାଗନାର କାରରେ ଏସକର୍ଟ କରି ଆଣୁଥିବା ଖବର ପୋଲିସ ଏ.ଏସ.ଆଇ ହରେକୃଷ୍ଣ ନନ୍ଦ ପାଇବା ପରେ ତାଙ୍କ ନେତୃତ୍ୱରେ ମାର୍ଶାଘାଇ ପୋଲିସର ଏକ ଟିମ ଶିଳିପୁର ଛକରେ ଗାଡି ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ୨ ଟ୍ରକ ଓ ଏସକର୍ଟ କରୁଥିବା ଗାଡିକୁ ଜବତ ପୋଲିସ ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୫୩୮/୨୩) ରୁଜୁ ହୋଇଛି । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ପ୍ରଜ୍ଞା ପାରମିତା ଜେନା କହିଛନ୍ତି ।

# ଗୁଞ୍ଜୁବାରଣ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ହେଲାନି

**ନୟାଗଡ଼,୯।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଆଗିଁସିଙ୍ଗି ଓ ଗୁଞ୍ଜୁବାରଣ ରାସ୍ତା, ଗ୍ରାମ୍ୟ ଜଙ୍ଗଲ ଓ ଗୋଚର କିସମ ଜମିରେ ଭାରିଯାନ ଯୋଗେ ପୁଆଁଣିଆ କ୍ରଶରରୁ ମେଟାଲ, ଚିପସ୍ ଓ କ୍ରଶର ଗୁଣ୍ଡ ଚାଲାଣକୁ ନୟାଗଡ଼ ଜିଲାପାଳ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇ ଭାରିଯାନ ଚଳାଚଳ ବନ୍ଦ କରାଯାଇ ନ ଥିବାରୁ ଗୁଞ୍ଜୁବାରଣ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନ କାହିଁକି ପୁଆଣିଆଁ କ୍ରଶର ଉପରେ ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗିଁସିଙ୍ଗି ଗୁଞ୍ଜୁବାରଣ ରାସ୍ତାରେ ପ୍ରତ୍ୟହ ୨୦୦ ଟ୍ରିପ୍ ମେଟାଲ, ଚିପସ୍ ଓ କ୍ରଶର ଗୁଣ୍ଡ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି।

ଅଭିଯୋଗ ଅନୁସାରେ ଗୁଞ୍ଜୁବାରଣ ଗାଁ ଭିତରେ ପ୍ରତ୍ୟହ ୨୦୦ରୁ ଅଧିକ ଭାରିଯାନ ଯୋଗେ ପୁଅଣିଆଁ କ୍ରଶରରୁ ଉପରୋକ୍ତ ସାମଗ୍ରୀ ଚାଲାଣ ହୋଇ ଆସୁଛି। ବେଆଇନ ଚାଲାଣକୁ ବନ୍ଦ କରିବାକୁ ପ୍ରଶାସନିକସ୍ତରରେ ବାରମ୍ବାର ଅଭିଯୋଗ ପରେ ସୁଫଳ ମିଳି ନ ଥିଲା। ଓଡ଼ଗାଁ ତହସିଲ ଶରଣକୁଳ ଥାନା ଗୁଞ୍ଜୁବାରଣ ଗାଁର ରୁବି ମହାପାତ୍ର ପୁଆଣିଆଁ କ୍ରଶର ୟୁନିଟ୍‌ର କାର୍ଯ୍ୟ ହେତୁ ଗୁଞ୍ଜୁବାରଣ ଗ୍ରାମବାସୀ ସମ୍ମୁଖୀନ ହେଉଥିବା ଅସୁବିଧା ନେଇ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟରେ ଡବ୍ଲ୍ୟୁପି(ସି) ନମ୍ବର ୪୧୪୮ରେ ୨୦୨୩ରେ ମାମଲା ହୋଇଥିଲା। ହାଇକୋର୍ଟ ଜିଲାପାଳ ନୟାଗଡ଼ଙ୍କ ପାଖକୁ ଆବେଦନକାରୀଙ୍କ ଅଭିଯୋଗ ଯାଞ୍ଚ କରି ପଦକ୍ଷେପ ନେବାକୁ ୨୧।୨।୨୦୨୩ରେ ନିର୍ଦ୍ଦେଶ ଦେଇଥିଲେ। ମାମଲାର ଶୁଣାଣୀ ପାଇଁ ଜିଲାପାଳଙ୍କ କୋର୍ଟରୁ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ଓ ଅଭିଯୋଗକାରୀ ରୁବି ମହାପାତ୍ର ପ୍ରମୁଖ ଉଭୟ ପକ୍ଷଙ୍କୁ ନୋଟିସ ଜାରି କରାଯାଇଥିଲା। ଦିନକୁ ହାରାହାରି ୨୦୦ ଟିପରରେ ପୁଆଣିଆଁ କ୍ରଶରରୁ ଚିପସ୍, ଡଷ୍ଟ ଓ ମେଟାଲ ଗୁଞ୍ଜୁବାରଣ ଦେଇ ଯାଉଥିବା ଅଭିଯୋଗ ଥିଲା। ଦୁର୍ଘଟଣାର ଭୟ ଥିବାରୁ ଗ୍ରାମବାସୀ ବିପଦରେ ଜୀବନ ବିତାଉଛନ୍ତି। ଗାଁର ସଂକୀର୍ଣ୍ଣ ରାସ୍ତା ଯୋଗୁ ଗାଁର ପିଲାମାନେ ନିୟମିତ ଭୟଭୀତ ହୋଇ ସ୍କୁଲ ଯାଉଥିବାରୁ ଦୁର୍ଘଟଣାର ସମ୍ଭାବନା ରହିଛି ବୋଲି ଅନୁରୂପ ଅଭିଯୋଗ ଥିଲା। ତେବେ ଜିଲାପାଳଙ୍କ କୋର୍ଟରେ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ରିପୋର୍ଟ କରିଥିଲେ ଭାରିଯାନଗୁଡିକ ଅନ୍ୟ ଏକ ରାସ୍ତା ପୁଆଣିଆ କପିଳେଶ୍ୱର ଦେଇ ଜଗନ୍ନାଥ ସଡ଼କକୁ ବ୍ୟବହାର କରୁଛନ୍ତି। ଦିନକୁ ୩୦ରୁ ୫୦ ଟ୍ରିପ୍ ପଥର ଯାଉଛି। ଦୁର୍ଘଟଣାର ଭୟ ନାହିଁ। ଅନ୍ୟପକ୍ଷେ ଓଡ଼ଗାଁ ତହସଲଦାର ଖାତା ନଂ ୨୫୪, ପ୍ଲଟ ନଂ ୯୦୬ ୧୮.୧୩ କିସମ ଗୋଚର ଉପରେ ରାସ୍ତା କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଇଥିଲେ। ସେହିଭଳି ପ୍ଲଟ ନଂ.୧୧୩୧, ୧୭.୨୫ ଏକର ଗ୍ରାମ୍ୟ ଜଙ୍ଗଲ ରେ ପୁଆଣିଆ ଗ୍ରାମ୍ୟ କମିଟିର ସୁପାରିଶ ଅନୁସାରେ ବେଆଇନ ଭାବେ ଅନୁରୂପ ରାସ୍ତା ହୋଇ ଭାରିଯାନରେ ମାଲ ବୁହା ହେଉଛି। ଟାଙ୍ଗେଣୀ ପଥର କ୍ୱାରୀ-୧ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ଓ ତହସିଲଦାର ଓଡ଼ଗାଁ ଆବେଦନକାରୀଙ୍କ ଆଇନଜୀବୀଙ୍କ ଠାରୁ ରିପୋର୍ଟ ପାଇବା ପରେ କ୍ରଶର ୟୁନିଟ୍‌କୁ ବେଆଇନ ଭାବେ କିସମ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ରାସ୍ତା ଅଛି ବୋଲି ଜଣାପଡିଥିଲା। ଦୁଇଟି ରାସ୍ତା ଥିଲେ ମଧ୍ୟ ଗୁଞ୍ଜୁବାରଣ ଦେଇ ଭାରଯାନ ଯାତାୟତ କରୁଛି। ଏଣୁ ଜିଲାପାଳ ୨୭।୧୦।୨୦୨୩ ଆଦେଶ ମୁତବାକ ମାମଲା ବନ୍ଦ କରି ନିର୍ଦ୍ଦେଶ ଦେଇଥିଲେ ଗ୍ରାମ୍ୟ ଜଙ୍ଗଲ ଓ ଗୋଚର କିସମରେ ବେଆଇନ ଭାବେ ନିର୍ମିତ ହୋଇଥିବା ଗ୍ରାମ ସଡ଼କ, ପୁଆଣିଆ ଏବଂ ଅସ୍ଥାୟୀ ରାସ୍ତାରେ ଭାରିଜାନରେ କ୍ରସର ମାଲ ପରିବହନ ପାଇଁ ବ୍ୟବହୃତ ହେବ ନାହିଁ। ତହସିଲଦାର ଓଡ଼ଗାଁକୁ ଏହାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରି ନାହିଁ।




ଗ୍ରାମ୍ୟ ଜଙ୍ଗଲ ରାସ୍ତାରେ ଭାରିଯାନ ଦ୍ୱାରା ପଥର ଚାଲାଣ ଚାଲିଛି।

- ଦିନକୁ ୨୦୦ରୁ ଉର୍ଦ୍ଧ୍ୱ ଭାରିଯାନ ବୋହୁଛି ମେଣ୍ଟାଲ ଓ ଚିପସ୍
- ଜିଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ କରାଯାଉଛି ଅଣଦେଖା
- ପୁଆଣିଆଁ କ୍ରଶରକୁ ପ୍ରଶାସନର ଅନୁକମ୍ପା

## ପୁଆଣିଆଁରେ କ୍ରଶର ଖାଉଛି ଜଙ୍ଗଲ

ପୁଆଁଣିଆଁ ଅଞ୍ଚଳରେ କ୍ରସର ଜଙ୍ଗଲକୁ ନଷ୍ଟ କରି ଚାଲିଛି ବୋଲି ୨ ବର୍ଷ ହେଲା ଅଭିଯୋଗ ହୋଇ ଆସୁଛି । ଏଠାରେ ଯେତିକି ଖଣି ନିଲାମ ହୋଇଛି ତା'ଠାରୁ ୮ ଗୁଣା ଅଧିକ ଖଣି ଖନନ ଶେଷ ହୋଇଛି। ହେଲେ ଏହାର ତଦନ୍ତ କରାଯାଉନି। ସେହିପରି ଗୋଚର ଜମି ଓ ଜଙ୍ଗଲ ମଧ୍ୟରେ ବେଆଇନ ଭାବେ ରାସ୍ତା ନିର୍ମାଣ ଅଭିଯୋଗର ସତ୍ୟତା ମିଳିଛି। ଗଛ କାଟି ଜଙ୍ଗଲରୁ ଅନୁରୂପ ଭାବେ ଜଙ୍ଗଲକୁ ପଦା ହୋଇ ସାରିଲାଣି। ଗତ ମାର୍ଚ୍ଚ ମାସରେ ବେଆଇନ ଖନନ ନେଇ ୧୪ ଲକ୍ଷ ୪୪ ହଜାର ୯୩୨ ଟଙ୍କା ଫାଇନ ଆଦାୟ ହୋଇଛି। ଏନେଇ ଓଡଗାଁ ତହସିଲଦାର ମାନସ ରଞ୍ଜନ ଭୋଇ କୁହନ୍ତି, ଭାରଯାନ ଚଳାଚଳ ନେଇ ଅଭିଯୋଗ ପାଇ ନ ଥିଲି। ଜିଲାପାଳଙ୍କ ଆଦେଶ ନେଇ ଅବଗତ ନ ଥିଲି । ଏ ସଂକ୍ରାନ୍ତରେ ଜଣାପଡ଼ିବା ପରେ ତହସିଲ ପକ୍ଷରୁ ତୁରନ୍ତ ଚଢ଼ାଉ କରାଯିବ।

# ଶରଣକୁଳ ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

**ଶରଣକୁଳ,୯।୧୨(ଦୀପକ କର)**

ଶରଣକୁଳ ମହାବିଦ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅଧୀନ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ରଥ, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ବିଭୂତି ଭୂଷଣ ବେହେରା, ଅଧାପକ ନାରାୟଣ ପ୍ରଧାନ, ଅଜୟ ମହାରଣା, କ୍ରୀଡା ଶିକ୍ଷକ ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡ଼ାର ପ୍ରତ୍ୟେକ ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଶନିବାର ମହାବିଦ୍ୟାଳୟରେ କ୍ୟାରମ୍, ଚେସ, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନଙ୍କ ଗହଣରେ ଛାତ୍ରୀମାନେ।

# ରଣପୁର କୋର୍ଟରେ ଲୋକ ଅଦାଲତ



ଆୟୋଜିତ ଲୋକ ଅଦାଲତରେ ବିଚାରପତି ଓ ଅନ୍ୟମାନେ।

**ରଣପୁର,୯।୧୨(ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ଦେୱାନୀ ଫୌଜଦାରୀ କୋର୍ଟ ପରିସରରେ ଶନିବାର ଚତୁର୍ଥ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରଣପୁର କୋର୍ଟର ବିଚାରପତି ଗୌରୀଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ, ରଣପୁର, ଷ୍ଟେଟ ବ୍ୟାଙ୍କ, ରଣପୁର, ଷ୍ଟେଟ ବ୍ୟାଙ୍କ, ମଝିଆଁଖଣ୍ଡ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଗଡବାଣିକିଲୋ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ରାଜସୁନାଖଲା ଓ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଗୋପାଳପୁର ଆଦି ଅଧୀନ ୧୪୮ଟି କେସ ମଧ୍ୟରୁ ୧୧ଟି ମାମଲାର ଫଇସଲା କରାଯାଇ ମୋଟ ଜମା ବାବଦକୁ ୫,୩୨,୮୮୦ ଟଙ୍କା ଆଦାୟ କରାଯାଇଛି। ସେହିଭଳି କୋର୍ଟ ତରଫରୁ ମୋଟ୧୧୪ଟି କେସ ଉକ୍ତ ଲୋକ ଅଦାଲତ ରେ ଆଶୁ ବିଚାର ଫଇସଲା ପାଇଁ ରଖାଯାଇଛି। ସେଥିମଧ୍ୟରୁ ୧୫ଟି କେସ ଫଇସଲା କରାଯାଇ ମୋଟ ୩୦ ଲକ୍ଷ ୧୦୦ଟଙ୍କା ଅର୍ଥରାଶି ସଂଗୃହିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେୱାନୀ ତଥା ସହକାରୀ ଦୌରା ଜଜ ଅନୁଶ୍ରୁତି ଚୌଧୁରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ଗିରିଜା ସାମନ୍ତରାୟ, ଦେବଶ୍ରୀ ହେମ୍ବ୍ରମ, ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ନନ୍ଦ, ବସନ୍ତ ରାୟ, ସତ୍ୟ ରଞ୍ଜନ ମତା, ସୁକାନ୍ତ ପଟ୍ଟନାୟକ, ହେମପ୍ରଭା ମିଶ୍ର, ନରେଶ ପଟ୍ଟନାୟକ, ନରେଶ ପ୍ରଧାନ ଓ କୋର୍ଟର ସମସ୍ତ କର୍ମଚାରୀ, ଓକିଲମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଷେକ



@ ଅରୁଣ



@ ବାବୁନି



@ ପ୍ରଭାସ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଓଡ଼ଗାଁ,୯।୧୨(ଆଦର୍ଶ କୁମାର ପଟ୍ଟନାୟକ)**

ଶନିବାର ଓଡ଼ଗାଁ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ତାଲୁକ ଆଇନ ସେବା ପ୍ରାଧିକରଣର ସମ୍ପାଦକ ଅତିରିକ୍ତ ଜିଲା ଦୌରାଜଜ ମାନସ ରଞ୍ଜନ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେୱାନୀ ସମ୍ବନ୍ଧୀୟ ୪୩, ଫୌଜଦାରୀ ସମ୍ବନ୍ଧୀୟ ୧୨ ଓ ଦୁର୍ଘଟଣା କ୍ଷତିପୂରଣ ସମ୍ବନ୍ଧୀୟ ୨ ମକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ଦୁର୍ଘଟଣା ସମ୍ବନ୍ଧୀୟ ୨ ମକଦ୍ଦମାରେ ମୃତ ପରିବାର ଓ ଆହତଙ୍କୁ ଯଥାକ୍ରମେ ୧୨,୫୦.୦୦୦ ଟଙ୍କା ଓ ୭,୩୫,୬୦୦ ଏପରି ମୋଟ ୧୯,୮୫.୬୦୦ଟଙ୍କା ପ୍ରଦାନ ପାଇଁ ଆପୋଷ ବୁଝାମଣାରେ ବିଚାରପତି ମାନସ ରଞ୍ଜନ ରଥ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ ସମ୍ବନ୍ଧୀୟ ମକଦ୍ଦମାର ଫଇସଲା ବି କରାଯାଇଥିଲା। ଫୌଜଦାରୀ ମକଦ୍ଦମାରେ ୯୦୦ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ଅତିରିକ୍ତ ବିଚାରପତି ଶୁଭାଶିଷ ଗିରି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ହରମୋହନ ଦାସ ଉପସ୍ଥିତ ଥିଲେ। ସହକାରୀ ସରକାରୀ ଅଧିବକ୍ତା ଇନ୍ଦୁଭୂଷଣ ମିଶ୍ର,ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ, କିଶୋର ଚନ୍ଦ୍ର ସାହୁ, ବଟକୃଷ୍ଣ ମିଶ୍ର, ଚିରଞ୍ଜୀବି ଦାସ ଓ ଚିତ୍ତରଞ୍ଜନ ଦାସ ସହଯୋଗ କରିଥିଲେ।



ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାର ଚାଲିଛି।

# ଘଟଣାସ୍ଥଳରେ ପହଞ୍ଚିଲେ ବନ, ରାଜସ୍ୱ ବିଭାଗ ଅଧିକାରୀ

**ନୂଆଗାଁ,୯।୧୨ (ଧନେଶ୍ୱର ସାହୁ)**

ନୟାଗଡ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଓ ରଗଡିମଡା ମୌଜା ଅଧୀନ ବେଲବଣି ଗ୍ରାମ ନିକଟରେ ଫାର୍ମ ହାଉସ୍ କରିବା ପାଇଁ ବିପୁଳ ପରିମାଣର ଶାଳଗଛ ଉପାଡି ଦିଆଯାଇଛି। ବନ ବିଭାଗ ବିନା ଅନୁମତିରେ ଏତେ ସବୁ ଶାଳ ଗଛ କଟା ଯିବା ଖବର ଶୁକ୍ରବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଶନିବାର ବନ ବିଭାଗ କର୍ମଚାରୀ ଓ ରାଜସ୍ୱ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନା ମୁତାବକ ମହିତମା ଫରେଷ୍ଟ ସେକ୍ସନ ରଗଡିମଡା ଗ୍ରାମ୍ୟ ଜଙ୍ଗଲ ଓ ବେଲବଣି ଗ୍ରାମକୁ ଲାଗି ଗୃହ ନିର୍ମାଣ କରିବା ପାଇଁ ଅନେକ ଶାଳ ଗଛ କଟା ଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଗଛ କଟା ଯିବା ବାବଦରେ ମହିପୁର ରେଞ୍ଜରଙ୍କୁ ପଚାରିବାରେ ଗଛ କାଟିବା ପାଇଁ କେହି ଅନୁମତି ନେଇ ନାହାନ୍ତି । ତେବେ ବିନା ଅନୁମତିରେ ଏତେ ପରିମାଣର ଶାଳଗଛ କଟାଯିବା ବାବଦରେ ବନ ବିଭାଗ କର୍ମଚାରୀ ଜାଣି ନ ପାରିବା ବନ କର୍ମଚାରୀଙ୍କ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଖବର ପ୍ରକାଶ ପରେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ୍ କୁମାର ସାହୁ , ମହିତମା ଫରେଷ୍ଟର ମୀନକେତନ ନାୟକଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରେ ପହଂଚି ପୂର୍ବରୁ ଜାଗାର ମାଲିକ ଥିବା ଦୟା ମହାପାତ୍ରଙ୍କୁ ଡାକି ଜମି ପଟା ଦେଖିଥିଲେ। ଯେଉଁ ଜାଗାରୁ ଏତେ ସବୁ ଗଛ କଟା ଯାଇଛି ସେସବୁ ଜାଗା ମୋର ନ ଥିଲା। ମୁଁ ଜାଗା ବିକ୍ରୀ କରିବା ପରେ ଯାହା ଦଖଲ ଦେଇଥିଲି ତାହାଠାରୁ ଅଧିକ ଜାଗାରୁ ଗଛ କଟା ଯାଇଥିବା ଦୟା ମହାପାତ୍ର କହିଥିଲେ। ତେବେ ଗଛ କଟିବା ଘଟଣା ଜାଣି ନ ପାରିବା ବାବଦରେ ଏସିଏଫ୍ ସାହୁଙ୍କୁ ପଚାରିବାରେ ନିଜକୁ ଦୋଷ ମୁକ୍ତ କରିବାକୁ ଯାଇ ରାଜସ୍ୱ ବିଭାଗକୁ ଦୋଷାରୋପ କରିଥିଲେ। ରାଜସ୍ୱ ବିଭାଗ ପଡିଆପଟା ଦେଇ ଏପରି କରୁଛି। ତେଣୁ ଆମେ ଏତେ ସବୁ ଦେଖିଲେ ରାମରାଜ୍ୟ କରି ଦେଇ ପାରିବା ନାହିଁ ବୋଲି ଗଣ ମାଧ୍ୟମ ପ୍ରତିନିଧିଙ୍କୁ କହିବା ସହ ଆମେ ଏଠାକୁ ଆସିବା ଉଚିତ୍ ନୁହଁ ବୋଲି କହି ଘଟଣାସ୍ଥଳରୁ ପଳାଇ ଆସିଥିଲେ। ନୂଆଗାଁ ତହସିଲ ସୁପରଭାଇଜର ପ୍ରମୋଦ କୁମାର ବେହେରା , ମହିତମା ଆରଆଇ ରଶ୍ମିତା ମଳିକ ଘଟଣାସ୍ଥଳରେ ପହଞ୍ଚି ଜାଗା ମ୍ୟାପ୍ ଦେଖିବାରେ କିଣିଥିବା ଜାଗାଠାରୁ ବହୁ ପରିମାଣର ଜାଗା ବେଆଇନ ଦଖଲ କରିବା ସହ ଗ୍ରାମ୍ୟ ଜଙ୍ଗଲ ଜାଗାରୁ ଗଛ କଟାଯାଇଥିବା ଜାଣିବାକୁ ପାଇଥିଲେ। ଗ୍ରାମ୍ୟ ଜଙ୍ଗଲ ଜାଗାକୁ ବେଆଇନ ଦଖଲ ଓ ଗଛ କାଟିବା ବାବଦରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି ସୁପରଭାଇଜର ବେହେରା।

ରଗଡିମଡା ଦୟା ମହାପାତ୍ର ଭୂମିହୀନ ଥିବାରୁ ତାଙ୍କୁ ସରକାର ୧୯୮୧ରେ ପଡିଆପଟାରେ ୧.୨୦ ଏକର ଜାଗା ଦେଇଥିଲେ। ଉକ୍ତ ଜାଗାକୁ ସେ ୨.୫୦ ଲକ୍ଷ ଟଙ୍କାରେ ଅନ୍ୟ ଜଣକୁ ବିକ୍ରୀ କରିଦେଇ ଥିବା ଦୟା କହିଥିଲେ। ଦୟା ବିକ୍ରୀ କରିଥିବା ଜାଗାକୁ ଲାଗି ରହିଥିବା ଗ୍ରାମ୍ୟ ଜଙ୍ଗଲରୁ କିଛି ଜାଗା ବେଆଇନ ଦଖଲ କରି ସେଠାରୁ ଶାଳଗଛ କାଟି ଦିଆଯାଇଥିବା କହିଛନ୍ତି ସୁପରଭାଇଜର ବେହେରା।

## ଶାଳଗଛ କଟାଯିବା ଘଟଣାର ତଦନ୍ତ



ଘଟଣାସ୍ଥଳରେ ବନ କର୍ମଚାରୀଙ୍କ ତଦନ୍ତ।

# ଆଜିଠୁ ଭଏସ୍ ଅଫ୍ ନୟାଗଡ଼

**ନୟାଗଡ଼,୯।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ସବୁଠାରୁ ବଡ଼ ସଂଗୀତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭଏସ୍ ଅଫ୍ ନୟାଗଡ଼ର ଚତୁର୍ଥ ସଂସ୍କରଣ ଡିସେମ୍ବର ୧୦ରୁ ଆରମ୍ଭ ହେଉଛି। ନୟାଗଡ଼ ବ୍ଲକର ଅଡିଶନ ଚଳିତ ମାସ ୧୦ ତାରିଖ ରବିବାର ସକାଳ ୯ଟା ରେ ନୟାଗଡ଼ ଏନଏସି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ପରବର୍ତ୍ତୀ ପ୍ରତିଯୋଗିତା ପର୍ଯ୍ୟାୟ କ୍ରମେ ନୟାଗଡ଼ ଜିଲାର ସମସ୍ତ ବ୍ଲକରେ ଅନୁଷ୍ଠିତ ହେବ। ସେମିଫାଇନାଲ ଏବଂ ଫାଇନାଲ ପ୍ରତିଯୋଗିତା ନୟାଗଡ଼ରେ କରାଯିବ। ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୧୦ ହଜାର ଓ ଟ୍ରଫି ସହ ଓଡ଼ିଶାର ଏକ ପ୍ରତିଷ୍ଠିତ ମ୍ୟୁଜିକ କମ୍ପାନୀର ଆଲବମରେ ଗୀତ ଗାଇବାର ସୁଯୋଗ ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ଯଥାକ୍ରମେ ୫ ହଜାର ଓ ୩ ହଜାର ଟଙ୍କା ରହିଥିବା ସୂଚନା ଦିଆଯାଇଛି।

# ନୟାଗଡ଼ ପାଇଁ ନୂଆ ଏଡିଏମ୍

**ନୟାଗଡ଼,୯।୧୨(ଲୋକନାଥ ମିଶ୍ର)**

ନୟାଗଡ ଜିଲା ପାଇଁ ଅତିରିକ୍ତ ଜିଲାପାଳ(ଏଡିଏମ) ଭାବେ ଧିରେନ୍ଦ୍ରନାଥ କରଙ୍କ ବଦଳି ହୋଇଛି । ଏଠାରେ ଦୁଇ ଜଣ ଅତିରିକ୍ତ ଜିଲାପାଳ କାମ କରିବେ। ପୂର୍ବରୁ ଦିଲୀପ କୁମାର ବଳ ଥିବାବେଳେ ରାଜ୍ୟ ସରକାର ଶନିବାର ବରିଷ୍ଠ ଓଏସ୍‌ସ୍ତରରେ ଅଦଳବଦଳ କରି ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ଧିରେନ୍ଦ୍ର ନାଥ କରଙ୍କୁ ନୟାଗଡ଼କୁ ବଦଳି କରାଯାଇଛି ।

